ANC-01
ଏ.ଏନ.ସି.-୦୧

# ସ୍ନାତକ ପ୍ରସ୍ତୁତି କାର୍ଯ୍ୟକ୍ରମ

## (ବିଡିପି)

# ଗୋଷ୍ଠୀପାଇଁ ପ୍ରୟୋଗାତ୍ମକ ପୁଷ୍ଟି

(ପ୍ରଦତ୍ତ କାର୍ଯ୍ୟ) ଆସାଇନମେଣ୍ଟ (୧ ରୁ ୩)

(ଜୁଲାଇ ୨୦୧୬-ଜାନୁୟାରୀ ୨୦୧୭)

ignou
THE PEOPLE'S
UNIVERSITY

ସାମାଜିକ ବିଜ୍ଞାନ ବିଦ୍ୟାପୀଠ
ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ
ମଇଦାନ ଗଡି, ନୂଆଦିଲ୍ଲୀ-୧୧୦୦୬୮

## ଗୋଷ୍ଠୀପାଇଁ ପ୍ରୟୋଗାତ୍ମକ ପୁଷ୍ଟି ପାଠ୍ୟକ୍ରମ (ANC-1)

ପ୍ରଦତ୍ତ କାର୍ଯ୍ୟ-୧

ଜୁଲାଇ ୨୦୧୬ / ଜାନୁୟାରୀ ୨୦୧୭

ପ୍ରିୟ ବିଦ୍ୟାର୍ଥୀ,

ANC-1 ର ଅଂଶ ସ୍ୱରୂପ ଆପଣଙ୍କୁ ଗୋଟିଏ ପ୍ରଦତ୍ତ କାର୍ଯ୍ୟ (ଆସାଇନମେଣ୍ଟ) କରିବାକୁ ପଡିବ । ଏହା ବାଧ୍ୟତାମୂଳକ । ଏହା ବ୍ଲକ୍ - ୧ରୁ ୭ ଏବଂ Practical Manual ANC-1 ର ୧ ଉପରେ ଆଧାରିତ ।

**<u>ସୂଚନା</u>**

ପ୍ରଶ୍ନଗୁଡିକର ଉତ୍ତର ଲେଖିବା ପୂର୍ବରୁ ତଳେ ଦିଆଯାଇଥିବା ସୂଚନାଗୁଡିକୁ ଭଲ ରୂପେ ମନଦେଇ ପଢନ୍ତୁ ।

୧. Programme Guide (ମାର୍ଗ ଦର୍ଶୀକା)ରେ ପ୍ରଦତ୍ତକାର୍ଯ୍ୟ ସମ୍ବନ୍ଧରେ ଦିଆଯାଇଥିବା ସୂଚନାଗୁଡିକୁ ପଢନ୍ତୁ ।

୨. ନିଜର ରୋଲ୍ ନମ୍ବର, ପୁରା ଠିକଣା ଏବଂ ତାରିଖ ଖାତାର ପ୍ରଥମ ପୃଷ୍ଠାର ଦକ୍ଷିଣ ପାର୍ଶ୍ୱ ଉପର କୋଣରେ ଲେଖନ୍ତୁ ।

୩. Course Title, assignment number ଏବଂ ଆପଣଙ୍କୁ ଦିଆଯାଇଥିବା Study Centre ର ନାମ ଖାତାର ପ୍ରଥମ ପୃଷ୍ଠାରେ ଲେଖନ୍ତୁ ।

ଆପଣଙ୍କର ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପରିଭାଗ ନିମ୍ନମତେ ଦେଖାଯିବା ଉଚିତ୍ ।

| | |
|---|---|
| | Enrolment No.................................... |
| | ଆପଣଙ୍କ ପୂରା ନାମ.............................. |
| | ଆପଣଙ୍କ ଡାକ ଠିକଣା........................... |
| Course Title : | ....................................................... |
| Assignment No.: | ....................................................... |
| Study Centre..................... | ତାରିଖ.............................. |

୪. ପୂରା ଫର୍ଦ୍ଦ ଧଳା କାଗଜରେ ଉତ୍ତର ଲେଖନ୍ତୁ ଏବଂ ଫର୍ଦ୍ଦଗୁଡ଼ିକୁ କ୍ରମାନ୍ୱୟରେ ସଜାଇ ରଖି ବାନ୍ଧନ୍ତୁ ।

୫. ପ୍ରତ୍ୟେକ ପ୍ରଶ୍ନର କ୍ରମିକ ସଂଖ୍ୟା ଲେଖି, ତାହାର ଉତ୍ତର ଲେଖନ୍ତୁ ।

୬. ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ହସ୍ତାକ୍ଷରରେ ଲେଖନ୍ତୁ ।

୭. ସମ୍ପୂର୍ଣ୍ଣ Assignment ଟିକୁ, ଆପଣଙ୍କ Study Centre ର ସଂଯୋଜକଙ୍କ ନିକଟକୁ ପଠାଯିବା ଜରୁରୀ ।

**ମନେରଖନ୍ତୁ :** ଦେଖାଯାଇଛି ଯେ କେତେକ ବିଦ୍ୟାର୍ଥୀ ବହିରେ ଥିବା ବିଭିନ୍ନ ଅଧ୍ୟାୟ ପଛରେ ଥିବା "ନିଜେ କରି ଦେଖ'' ପ୍ରଶ୍ନାବଳୀର ଉତ୍ତର ଲେଖି, ମୂଲ୍ୟାୟନ ନିମନ୍ତେ, ବିଶ୍ୱବିଦ୍ୟାଳୟକୁ ପଠାଉଛନ୍ତି । ଏହି ପ୍ରଶ୍ନଗୁଡ଼ିକ ଆପଣଙ୍କର ପଢ଼ାରେ ସାହାଯ୍ୟ କରିବାପାଇଁ ଉଦ୍ଦିଷ୍ଟ ଏବଂ ସେଗୁଡ଼ିକର ଉତ୍ତର ମଧ୍ୟ ପାଠ୍ୟ ପୁସ୍ତିକରେ ପ୍ରତ୍ୟେକ ଅଧ୍ୟାୟ ଶେଷରେ ଦିଆଯାଇଛି । ଏ ସମ୍ପର୍କରେ 'ମାର୍ଗଦର୍ଶିକା'ରେ ମଧ୍ୟ ଲେଖାଯାଇଛି ।

ଉତ୍ତର ପଠାଇବା ପୂର୍ବରୁ ନିମ୍ନଲିଖିତ ଦିଗଗୁଡ଼ିକ ପ୍ରତି ଧ୍ୟାନ ଦିଅନ୍ତୁ ।

- ଆପଣଙ୍କର ରୋଲ୍ ନମ୍ବର, ନାମ ଓ ଠିକଣା ସଠିକ୍ ଲେଖାଯାଇଛି ।
- Course Title ଏବଂ Assignment No ଠିକ୍ ଭାବେ ଲେଖାଯାଇଛି ।
- ପ୍ରତ୍ୟେକ Course ର ପ୍ରତ୍ୟେକ Assignment, ଅଲଗା ଅଲଗା କାଗଜରେ ଲେଖାଯାଇ ସଠିକ୍ ଭାବେ ପିନ୍ ମରାଯାଇଛି ।
- Assignment ରେ ପଚରା ଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଦିଆଯାଇଛି ।

ବର୍ତ୍ତମାନ ଉତ୍ତର ଲେଖିବା ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀଗୁଡ଼ିକୁ ପଢନ୍ତୁ ।

**ANC-01 ପ୍ରଦତ୍ତ କାର୍ଯ୍ୟ ନିମନ୍ତେ ନିର୍ଦ୍ଦେଶାବଳୀ**

ଏହି ପ୍ରଶ୍ନ ପୁସ୍ତିକାରେ ତିନୋଟି ବିଭାଗ ରହିଛି ।

**'କ'ବିଭାଗ:** ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ (SAQ):- ମୋଟ ମୂଲ୍ୟାଙ୍କ ୪୦ / ଏହି ବିଭାଗରେ ଆପଣଙ୍କୁ ମୋଟ ୧୦ଟି ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଦେବାକୁ ହେବ (ପ୍ରତ୍ୟେକ

ପ୍ରଶ୍ନର ମୂଲ୍ୟାଙ୍କ ୪ ଅଟେ) : ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ଶବ୍ଦ ମଧ୍ୟରେ ଲେଖନ୍ତୁ ।

**<u>'ଖ'ବିଭାଗ:</u>** ପ୍ରୟୋଗାତ୍ମକ କାର୍ଯ୍ୟ (ପ୍ରାକ୍ଟିକାଲ) ମୋଟ ମୂଲ୍ୟାଙ୍କନ- ୪୦ ।

ଏହି ବିଭାଗରେ ପ୍ରାକ୍ଟିକାଲ-୧ ସମ୍ବନ୍ଧିତ ପ୍ରଶ୍ନାବଳୀ ଦିଆଯାଇଛି ।

**<u>'ଗ'ବିଭାଗ:</u>** ବସ୍ତୁନିଷ୍ଠ ପ୍ରଶ୍ନ (OTQ)- ମୋଟ ମୂଲ୍ୟାଙ୍କ-୨୦ ।

ଏହି ବିଭାଗରେ ବିଭିନ୍ନ ପ୍ରକାର ବସ୍ତୁନିଷ୍ଠ ପ୍ରଶ୍ନ ଦିଆଯାଇଛି ।

୧. **<u>ଯୋଜନା (Planning):</u>** ପ୍ରଦତ୍ତ କାର୍ଯ୍ୟଗୁଡିକୁ ଯତ୍ନର ସହ ପଢନ୍ତୁ । କେଉଁ ବିଭାଗ ଉପରେ ଏହା ଆଧାରିତ, ସେଗୁଡିକ ଉପରେ ଧ୍ୟାନ ଦିଅନ୍ତୁ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ କିଛି ପଏଣ୍ଟ ତିଆରି କରି, ସେଗୁଡିକୁ ଯୁକ୍ତିଯୁକ୍ତ ଭାବରେ ସଜାଡି ଲେଖନ୍ତୁ ।

୨. **<u>ଆୟୋଜନ (Organisation):</u>** ପ୍ରଶ୍ନର ଉତ୍ତରକୁ ଠିକ୍ ଭାବେ ବିବେଚନା ଓ ବିଶ୍ଳେଷଣ କରି, ଉପକ୍ରମ ଓ ଉପସଂହାରକୁ କିଭଳି ଲେଖାଯିବ, ତା ଉପରେ ଧ୍ୟାନ ଦିଅନ୍ତୁ । 'ଉପକ୍ରମ'ରୁ ପ୍ରଶ୍ନ ଓ ତାର 'ଉତ୍ତର'ର ବ୍ୟାଖ୍ୟା ଆପଣ କିପରି କରିଛନ୍ତି, ତାହା ଜଣାପଡିବ । 'ଉପସଂହାର' ପ୍ରଶ୍ନର ଉତ୍ତରକୁ ସଂକ୍ଷେପରେ ପ୍ରକାଶ କରିବା ଉଚିତ୍ ।

- ☞ ଆପଣଙ୍କ ଉତ୍ତର ଯୁକ୍ତିଯୁକ୍ତ ଓ ସୁସଂଯୋଜିତ ହେବା ଆବଶ୍ୟକ ।
- ☞ ବାକ୍ୟଗୁଡିକ ମଧ୍ୟରେ ଏବଂ ଅନୁଚ୍ଛେଦଗୁଡିକ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ ।
- ☞ ଉତ୍ତରର ଉପସ୍ଥାପନା ଶୈଳୀରେ କ୍ରମାନ୍ୱୟତା ରହିବା ଆବଶ୍ୟକ ।
- ☞ ପ୍ରଶ୍ନରେ ସୂଚିତ ଶବ୍ଦ ସଂଖ୍ୟାଠାରୁ, ଆପଣଙ୍କର ଉତ୍ତରର ଶବ୍ଦ ସଂଖ୍ୟା ଯେପରି ଅଧିକ ନହୁଏ, ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ।

୩. **<u>ଉପସ୍ଥାପନା:-</u>** ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପରିଷ୍କାର ଭାବରେ ଲେଖି ସାରିବା ପରେ, ଗୁରୁତ୍ୱ ବହନ କରୁଥିବା ଅଂଶଗୁଡିକ ତଳେ ରେଖାଙ୍କିତ କରନ୍ତୁ ।